# ଅନୁଗୋଳରେ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ଆଜି ୭ ଜଣ ସୁସ୍ଥ ହୋଇଛନ୍ତି ।

## ୫୬ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୪୦ ଜଣ ସୁସ୍ଥ ।

ଅନୁଗୋଳ,୨୧.୬ :- ସମ୍ପ୍ରତି କରୋନା ସଂକ୍ରମଣ ଦିନକୁ ଦିନ ରାଜ୍ୟରେ ବ୍ୟାପୁଥିବା ବେଳେ ଆଜି ଅନୁଗୋଳ ଜିଲ୍ଲାରେ ଏକ ସମୟରେ ୭ ଜଣ ସୁସ୍ଥ ହେବାର ଖବର ଅନୁଗୋଳବାସୀଂକ ପାଇଁ ଏକ ଆଶ୍ୱସ୍ତି ଆଣି ଦେଇଛି । ପ୍ରକାଶଥାଉକି ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୫୬ ଜଣ ଆକ୍ରାନ୍ତଂକ ମଧ୍ୟରୁ ୪୦ ଜଣ ସୁସ୍ଥ ହୋଇଥିବାବେଳେ ଜଣେ ଡାକ୍ତର ଭୁବନେଶ୍ୱରରେ ଓ ଜଣେ ମହିଳା ଏକ ଶିକ୍ଷ ସଂସ୍ଥାର Isolation Wardରେ ଚିକିତ୍ସିତ ହେଉଛନ୍ତି । ବର୍ତ୍ତମାନ ସୁଦ୍ଧା ୧୪ ଜଣ କରୋନା ପଜିଟିଭ ତାଳଚେର କୋଭିଡ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ଆଜି ସୁସ୍ଥ ହୋଇଥିବା ୭ ଜଣଂକ ମଧ୍ୟରୁ ଜଣେ ବଣ୍ଡରପାଳ ବ୍ଲକ୍ ରଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ହୋଇଥିବା ବେଳେ ଅନ୍ୟ ୬ ଜଣ ଛେଣ୍ଡିପଦା ବ୍ଲକର ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଟନ୍ତି । ଛେଣ୍ଡିପଦାର ଏହି ୬ ଜଣଂକ ମଧ୍ୟରୁ ଚଳିତ ମାସ ୯ ତାରିଖରେ ସ୍ୱାବ ନମୁନା ସଂଗ୍ରହ ହୋଇଥିବା ବେଳେ ବଣ୍ଡରପାଳ ବ୍ଲକର ଜଣଂକ ଠାରୁ ଚଳିତ ମାସ ୧୦ ତାରିଖରେ ସ୍ୱାବ ନମୁନା ସଂଗ୍ରହ ହୋଇଥିଲା । ବଣ୍ଡରପାଳର ଏହି ଆକ୍ରାନ୍ତ ବ୍ୟକ୍ତି ଚଳିତ ମାସ ୧୩ ତାରିଖରେ ତାଳଚେର କୋଭିଡ ହସପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତୀ ହୋଇଥିବା ବେଳେ ଛେଣ୍ଡିପଦାର ୬ ଜଣ ଚଳିତ ମାସ ୧୧ ତାରିଖରେ ଭର୍ତ୍ତୀ ହୋଇଥିଲେ । ଆଜି ସୁସ୍ଥ ହୋଇଥିବା ଏହି ୭ ଜଣଂକୁ ପଞ୍ଚମହଲା ସ୍ଥିତ କୋଭିଡ କେୟାର ସେଣ୍ଟରରେ ୧୪ ଦିନ ପାଇଁ ନିରିକ୍ଷଣରେ ରଖାଯିବ ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୦୭ ତା.୨୧.୬.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।